# ଚିଲିକା ହ୍ରଦ

## ଚିଲିକା ପରିସଂସ୍ଥା ସ୍ୱାସ୍ଥ୍ୟ ସୂଚନା ପତ୍ର ୨୦୧୨



NCSCM
National Centre for Sustainable Coastal Management

Chilika
Development Authority

# ଚିଲିକା ସ୍ୱାସ୍ଥ୍ୟ ସୂଚନା ପତ୍ର ପ୍ରସ୍ତୁତି

ଚିଲିକା ପରିସଂସ୍ଥା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପତ୍ରରେ ଚିଲିକା ହ୍ରଦ ନିମନ୍ତେ ଉଦ୍ଦିଷ୍ଟ ବାର୍ଷିକ କାର୍ଯ୍ୟଧାରାର ପ୍ରଥମ ପ୍ରୟାସ ହେଲା ସୂଚନା ପତ୍ର (ଜରକ୍ଷ୍ମକ୍ଷ୍ଟଶ ଉବକ୍ଷୟ) ପ୍ରସ୍ତୁତି । ଟଘରଚ/ ଏରର ର ଆର୍ଥିକ ସହାୟତା ଓ ସହଯୋଗ କ୍ରମେ ଏଇ କାର୍ଡ ପ୍ରସ୍ତୁତ ହୋଇ ତଥ୍ୟ ସଂଗ୍ରହ ଉପଯୋଗୀ ହୋଇ ପାରିଛି । ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ଉଉଇ), ଜାତୀୟ ଉପକୂଳୀୟ ସୁରକ୍ଷା ପରିଚାଳନା କେନ୍ଦ୍ର (ଘଉଝଉଗ), ଟଘରଚ/ଏଚଇ ଓ ଏଚଘଗ ଓ ମ୍ୟାରିଲ୍ୟାଣ୍ଡ ବିଶ୍ୱବିଦ୍ୟାଳୟଙ୍କ (ବୈଷୟିକ ସହାୟତା) ସହଯୋଗ – ସମନ୍ୱୟ କ୍ରମେ ଚିଲିକାର ପରିବ୍ୟାପ୍ତି ଓ ବିପନ୍ନ ଅଧିବାସୀଙ୍କ ସମସ୍ୟାର ବିଶ୍ଲେଷଣ ଅନୁଧ୍ୟାନ ହେଲା ଏହି ସୂଚନା ପତ୍ରର ମୁଖ୍ୟ ଉଦ୍ଦେଶ୍ୟ ।

# ପରିସଂସ୍ଥାର ସ୍ୱାସ୍ଥ୍ୟ ନିର୍ଣ୍ଣାୟକ ପରିମାପ



ଚିଲିକା ପରିସଂସ୍ଥାର ସ୍ୱାସ୍ଥ୍ୟ ସୂଚନା ପତ୍ର ପ୍ରସ୍ତୁତ ନିମନ୍ତେ ମୁଖ୍ୟତଃ ତିନିଗୋଟି ପ୍ରମୁଖ ଲକ୍ଷଣର ୧୦ଟି ସୂଚନାକୁ ଆଧାର କରି ତିଆରି କରାଯାଇଅଛି । ଏହି ୩ ଗୋଟି ଲକ୍ଷଣ ହେଲା; ଜଳର ଗୁଣବତ୍ତା, ମତ୍ସ୍ୟ ସମ୍ପଦ ଓ ଜୈବବିବିଧତା । ଏହି ସାମୁହିକ ଲକ୍ଷଣଗୁଡିକ ଚିଲିକା ହ୍ରଦ ପରିସଂସ୍ଥା ନିମନ୍ତେ ଅଧିକ ଗୁରୁତ୍ୱପୂର୍ଣ୍ଣ (ଯଥା:ମତ୍ସ୍ୟ ଉତ୍ପାଦନ, ପର୍ଯ୍ୟଟନ ଓ ଜୈବବିବିଧତା) ଏବଂ ବିପଦପୂର୍ଣ୍ଣ କାର୍ଯ୍ୟଗୁଡିକ (ଯଥା: ଅତ୍ୟଧିକ ମତ୍ସ୍ୟ ଉତ୍ପାଦନ, ବେଆଇନ ମାଛ ଚାଷ, ପ୍ରଦୂଷଣ ଓ ପଟୁ ଜମିବା) ଯାହାକି ହ୍ରଦର ଗୁରୁତ୍ୱପ୍ରତି ବିପଦ ସୃଷ୍ଟି କରୁଅଛି ।

### ଜଳର ଗୁଣବତ୍ତା

**ଜଳର ସ୍ୱଚ୍ଛତା**-ଏହା ହେଉଛି ଆଲୋକ ରଶ୍ମି ଜଳର କେତେ ଗଭୀରକୁ ପ୍ରବେଶ କରୁଥାଏ, ଯାହାକି ହ୍ରଦ ମଧ୍ୟରେ ଥିବା ସାମୁଦ୍ରିକ ଘାସ ଓ ଭାସମାନ ସୁକ୍ଷ୍ମ ଶୈବାଳମାନଙ୍କ ଆବଣ୍ଟନ ଓ ବହୁଳତା ମାପିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ।

**ଦ୍ରବୀଭୂତ ଅମ୍ଳଜାନ**-ଦ୍ରବୀଭୂତ ଅମ୍ଳଜାନ ହେଉଛି ଚିଲିକା ହ୍ରଦର ଜଳଚର ପ୍ରାଣୀଙ୍କ ବଂଚିବା ନିମନ୍ତେ ଅତ୍ୟନ୍ତ ଆବଶ୍ୟକ । ହ୍ରଦ ମଧ୍ୟରେ ଥିବା ବିଭିନ୍ନ ପ୍ରଜାତିର ଜୀବମାନଙ୍କ ବଂଚିବା ନିମନ୍ତେ ଏହି ଦ୍ରବୀଭୂତ ଅମ୍ଳଜାନର ପରିମାଣ ଭିନ୍ନ ଭିନ୍ନ ହୋଇଥାଏ ।

**ସବୁଜକଣିକା**-ଏହା ହେଉଛି ଜଳରେ ଥିବା ଭାସମାନ ସୁକ୍ଷ୍ମ ଶୈବାଳ ଯାହାକି ଜଳର ସ୍ୱଚ୍ଛତା କମାଇଦେଇଥାଏ ଏବଂ ସଡ଼ି ଯାଇଥିବା ସୁକ୍ଷ୍ମ ଶୈବାଳ ଜଳର ଦ୍ରବୀଭୂତ ଅମ୍ଳଜାନ କମାଇଦେଇଥାଏ

### ମତ୍ସ୍ୟ ସଂପଦ

**ମୋଟ ଉତ୍ପାଦନ**- ଏହା ହେଉଛି ହ୍ରଦର ୨୭ଟି ମତ୍ସ୍ୟ ଅବତରଣ କେନ୍ଦ୍ରରୁ ଉତ୍ପାଦିତ ହେଉଥିବା ମାଛ, କଙ୍କଡା ଓ ଚିଙ୍ଗୁଡି ପରିମାଣ । ଏହି ତଥ୍ୟ ବାର୍ଷିକ ଉତ୍ପାଦନ ଆକଳନ କରି ହ୍ରଦ ମତ୍ସ୍ୟ ସମ୍ପଦର ସଠିକ୍ ପରିଚାଳନା କରିବାରେ ହ୍ରଦ ପରିଚାଳକଙ୍କୁ ସାହାଯ୍ୟ କରିଥାଏ ।

**ଅର୍ଥକରୀ ମତ୍ସ୍ୟ ପ୍ରଜାତିର ବିବିଧତା** – ଏହା ହେଉଛି ମତ୍ସ୍ୟଜୀବୀ ମାନଙ୍କର ଜୀବିକା ନିର୍ବାହ ନିମନ୍ତେ ବାର୍ଷିକ କେତେ ପ୍ରଜାତିର ଅର୍ଥକରୀ ମତ୍ସ୍ୟ ହ୍ରଦରୁ ଉତ୍ପାଦିତ ହେଉଛି

**ଆକାର** – ଏହା ହେଉଛି ହ୍ରଦରୁ ଉତ୍ପାଦିତ ହେଉଥିବା ଖଇଙ୍ଗା ମାଛ, ବାଗଦା ଚିଙ୍ଗୁଡି ଓ ଚିଲିକା କଙ୍କଡାର ଲମ୍ବ ଓ ଆକାର । ଏହି ମାପ ପୂର୍ବରୁ ବର୍ଣ୍ଣିତ କରାଯାଇଥିବା ବିଭିନ୍ନ ପ୍ରଜାତିର ଲମ୍ବର ମାପରୁ ଅଧିକ ହେବା ଉଚିତ ଯାହାକି ହ୍ରଦ ମତ୍ସ୍ୟ ସମ୍ପଦର ସ୍ଥାୟୀତ୍ୱ ରକ୍ଷାକରିପାରିବ ।

### ଜୈବବିବିଧତା

**ବିହଙ୍ଗ ଗଣନ ଓ ବିବିଧତା**- ହ୍ରଦରେ ନିର୍ଭର କରୁଥିବା ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ଗଣନା କରି ସେମାନଙ୍କ ସଂଖ୍ୟା ଆକଳନ କରିବା । ଚିଲିକା ହ୍ରଦ ହେଉଛି ଭାରତୀୟ ଉପମହାଦେଶର ସର୍ବାଧିକ ବିଦେଶାଗତ ପକ୍ଷୀଙ୍କ ଶୀତ ଦିନ ସମାରୋହ ସ୍ଥଳୀ ।

**ଡଲଫିନ୍ (ଶିଶୁମାର) ସଂଖ୍ୟା**- ଏହା ହେଉଛି ହ୍ରଦର ପ୍ରତିବର୍ଷ ବିପଦସଙ୍କୁଳ ଇରାୱାଡ଼ି ଡଲଫିନମାନଙ୍କର ସର୍ବେକ୍ଷଣ କରାଯାଇ ତାହାର ସଠିକ୍ ସଂଖ୍ୟା ଗଣନ କରିବା ।

**ଅଣୁଜୀବ ବିବିଧତା**- ଏହି ହ୍ରଦରେ ଅଣୁଜୀବ ଗୋଷ୍ଠୀର ସ୍ଥିତି ଜାଣିବା ନିମନ୍ତେ ୱସଙ୍କକ୍ଷ୍ୱକୁଭ'ଶ୍ୱ ଓଭୟରଙ୍ଘ କ୍ଷ୍ଲ ଉସଙ୍ଘରକ୍ଷ୍ୱସସ୍ପଚ (ଭ) ସାହାଯ୍ୟରେ ଆକଳନ କରାଯାଇଥାଏ । ଏହି ଅଣୁଜୀବମାନେ (ସାମୁକା ଓ କୃମି) ହ୍ରଦର ତଳ ସ୍ତରର ନରମ ପଟୁ ଭିତରେ ରହିଥାନ୍ତି, ଯେଉଁମାନେ କି ହ୍ରଦ ମଧ୍ୟରେ ବିଭିନ୍ନ ପ୍ରଜାତିର ମାଛ, କଙ୍କଡା ଓ ଚିଙ୍ଗୁଡିଙ୍କର ଖାଦ୍ୟ ହୋଇଥାନ୍ତି

**ଭାସମାନ ସୁକ୍ଷ୍ମ ଶୈବାଳ ବିବିଧତା (ସୁକ୍ଷ୍ମ ଶୈବାଳ)**- ହ୍ରଦ ମଧ୍ୟରେ ବିଭିନ୍ନ ପ୍ରକାର ସୁକ୍ଷ୍ମ ଶୈବାଳମାନଙ୍କ ଅବସ୍ଥିତି ଓ ବହୁଳତା ନିର୍ଣ୍ଣୟ କରିବା ନିମନ୍ତେ ୱସଙ୍କକ୍ଷ୍ୱକୁଭ'ଶ୍ୱ ଓଭୟରଙ୍ଘ କ୍ଷ୍ଲ ଉସଙ୍ଘରକ୍ଷ୍ୱସସ୍ପଚ (ଭ) ଦ୍ୱାରା କରାଯାଇଥାଏ । ଏହି ଭାସମାନ ସୁକ୍ଷ୍ମ ଶୈବାଳ ହ୍ରଦର ମୁଖ୍ୟ ଖାଦ୍ୟ ସଂଯୋଗର ଅଂଶ ବିଶେଷ ଅଟେ ।

# ଆଶାନୁରୂପକ ସ୍ଥିତି ପରିସଂସ୍ଥାର ସ୍ୱାସ୍ଥ୍ୟ ସମ୍ବନ୍ଧରେ ସୂଚନା ଦେଇଥାଏ ।

ଆଶାନୁରୂପକ ସର୍ତ୍ତାବଳୀ ନିମନ୍ତେ ପ୍ରଚଳିତ ନିୟମାବଳୀ, ବୈଜ୍ଞାନିକ ଜ୍ଞାନ /ଐତିହାସିକ ତଥ୍ୟ ଏବଂ ପ୍ରଚଳିତ ଜଳବାୟୁର ବର୍ଷକୁ ବର୍ଷ ପରିବର୍ତ୍ତନର ତଥ୍ୟ ଉପରେ ପର୍ଯ୍ୟବେସିତ । ଆଶାନୁରୂପକ ସର୍ତ୍ତାବଳୀ ଉନ୍ନତିକରଣ କିମ୍ବା ଚିହ୍ନିତ ହୋଇଥିବା ଲକ୍ଷଣଗୁଡିକ ଏବଂ ଏହି ତଥ୍ୟର ଉତ୍ସ ନିମ୍ନ ସାରଣୀରେ ପ୍ରଦତ୍ତ କରାଗଲା

| ଶ୍ରେଣୀ | ଲକ୍ଷଣ | ଆଶାନୁରୂପକ ସର୍ତ୍ତାବଳୀ | ତଥ୍ୟର ଉତ୍ସ |
|---|---|---|---|
| ଜଳର ଗୁଣବତା | ଜଳର ସ୍ୱଚ୍ଛତା | ୫ ୩୦ ଘଣ୍ଟ | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |
| | ଦ୍ରବୀଭୂତ ଅମ୍ଳଜାନ | ୫ ଈଶାକ୍ଷ କ୍ଷ ୬୦% ଶବଶ. | ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ପରିଚାଳନା କାର୍ଯ୍ୟକ୍ରମ |
| | ମୋଟ ସବୁଜ କଣିକା | ୫ ୫ ମଣାକ୍ଷ | ସମନ୍ୱିତ ଉପକୂଳ ଓ ସାମୁଦ୍ରିକ ପରିଚାଳନା କାର୍ଯ୍ୟକ୍ରମ |
| | ମୋଟ ଉତ୍ପାଦନ (ମାଛ, ଚିଙ୍ଗୁଡି ଓ କଙ୍କଡା) | ଅଧିକ ସ୍ଥାୟୀତ୍ୱ (୧୧,୫୦୦ ଟନ୍/ ବାର୍ଷିକ) | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |
| ମତ୍ସ୍ୟ ସଂପଦ | ଅର୍ଥକରୀ ମତ୍ସ୍ୟ ପ୍ରଜାତିର ବିବିଧତା | ଆଶାନୁରୂପକ ଉତ୍ପାଦିତ ପ୍ରଜାତି (୪୫ ନଂ) | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |
| | ବିବିଧ ପ୍ରକାର ମାଛ, ଚିଙ୍ଗୁଡି ଓ କଙ୍କଡାର ଆକାର | ଖଇଙ୍ଗା: ୨୧୯-୪୬୧ ମି.ମି., ବାଗଦା:୧୧୬-୧୯୭ ମି.ମି., କଙ୍କଡା:୮୭ ମି.ମି. | |
| ଜୈବବିବିଧତା | ବିହଙ୍ଗ ଗଣନ ଓ ବହୁଳତା | ଅଧିକ ପକ୍ଷୀ ଗଣନା ଓ ବିବିଧତା ୨୦୦୩ ପରଠାରୁ ଉଲ୍ଲେଖିତ | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |
| | ଡଲଫିନ୍ (ଶିଶୁମାର) ସଂଖ୍ୟା | ଅଧିକ ଡଲଫିନ୍ ଗଣନା ୨୦୦୧ ପରଠାରୁ ଉଲ୍ଲେଖିତ | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |
| | ଅଣୁଜୀବ ବିବିଧତା | ୱସଙ୍କକ୍ଷ୍ୱକୁଭ'ଶ୍ୱ ଓଭୟରଙ୍ଘ କ୍ଷ୍ଲ ଉସଙ୍ଘରକ୍ଷ୍ୱସସ୍ପଚ (୧-ଭ) | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |
| | ଭାସମାନ ସୁକ୍ଷ୍ମ ଶୈବାଳ ବିବିଧତା | ୱସଙ୍କକ୍ଷ୍ୱକୁଭ'ଶ୍ୱ ଓଭୟରଙ୍ଘ କ୍ଷ୍ଲ ଉସଙ୍ଘରକ୍ଷ୍ୱସସ୍ପଚ (୧-ଭ) | ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ |

# ଚିଲିକା ହ୍ରଦ ନିମନ୍ତେ  ପରିସଂସ୍ଥା ସୋପାନ ନିରୁପଣ

ଚିଲିକା ହ୍ରଦକୁ ୪ଗୋଟି ଅଂଚଳରେ ବିଭକ୍ତ କରାଯାଇ ପ୍ରତ୍ୟେକ ଅଂଚଳ ନିମନ୍ତେ ଗୋଟିଏ ଗୋଟିଏ ସୂଚନା ପତ୍ର ତିଆରି କରାଯାଇଅଛି । ଏହି ସୋପାନ ଗୁଡିକ ଜଳର ହାରାହାରି ଗୁଣବତା, ମତ୍ସ୍ୟ ସମ୍ପଦ ଏବଂ ଜୈବ ବିବିଧତାର ଲକ୍ଷଣ ଗୁଡିକ, ହ୍ରଦର ୨୦୧୧-୧୨ ମସିହାରେ ସଂଗୃହୀତ ତଥ୍ୟ ଉପରେ ପର୍ଯ୍ୟବେସିତ ।

## ବିଭିନ୍ନ ସୋପାନ ର ଅର୍ଥ କ'ଣ ?

**A** 80-100 %
- ସମସ୍ତ ଅଂଚଳର ଜଳର ମାନ ଓ ଜୈବିକ ସ୍ୱାସ୍ଥ୍ୟର ସୁଚକ ଆଶାନୁରୂପକ ଅଟେ ।
- ଏହି ଅଂଚଳରେ ଜଳର ମାନ ଅତ୍ୟଧିକ ଉତ୍ତମ ।
- ଏହା ମାଛ, ଚିଙ୍ଗୁଡି ଓ କଙ୍କଡାଙ୍କ ପାଇଁ ପ୍ରକୃଷ୍ଟ ସ୍ଥଳୀ ।

**B** 60-80 %
- ଅଧିକାଂଶ ସ୍ଥାନରେ ଜଳର ମାନ, ଜୈବିକ ସ୍ୱାସ୍ଥ୍ୟବସ୍ଥାର ସୁଚକ ଆଶାନୁରୂପକ ଅଟେ ।
- ଏହି ଅଂଚଳର ଜଳର ମାନ ପ୍ରାୟତଃ ଅଧିକ ଭଲ ।
- ଏହା ମାଛ, ଚିଙ୍ଗୁଡି ଓ କଙ୍କଡାଙ୍କ ଉତ୍ତମ ପ୍ରକୃଷ୍ଟ ସ୍ଥଳୀ ।

**C** 40-60 %
- ଏହି ଅଂଚଳରେ ଜଳର ମାନ ଓ ଜୈବିକ ସ୍ୱାସ୍ଥ୍ୟର ସୁଚକ ଚଳନୀୟ ।
- ମାଛ, ଚିଙ୍ଗୁଡି ଓ କଙ୍କଡାର ବାସପଯୋଗୀ ନିମନ୍ତେ ଉପଯୋଗୀ ।

**D** 20-40 %
- ଏହି ଅଂଚଳରେ କେତେକ ସ୍ଥାନ କିମ୍ବା କିଛି ଅଂଚଳର ଜଳର ମାନ ଓ ଜୈବିକ ସ୍ୱାସ୍ଥ୍ୟର ସୁଚକ ପ୍ରାୟ ନିମ୍ନମାନର, ଏହି ଅଂଚଳ ପ୍ରାୟତଃ ମତ୍ସ୍ୟ, ଚିଙ୍ଗୁଡି ଓ କଙ୍କଡାଙ୍କ ବାସପୋଯୋଗୀ ନୁହେଁ ।

**F** 0-20 %
- ଏହି ଅଂଚଳର ପ୍ରାୟତଃ  ଜଳର ମାନ ଓ ଜୈବିକ ସ୍ୱାସ୍ଥ୍ୟର  ସୁଚକ ଖୁବ୍ କମ କିମ୍ବା ନିମ୍ନମାନର ।
- ଏହି ଅଂଚଳ ପ୍ରାୟତଃ ମାଛ, ଚିଙ୍ଗୁଡି ଓ କଙ୍କଡାର ବାସପୋଯୋଗୀ ନୁହେଁ ।






# ଚିଲିକା ହ୍ରଦ  ସୂଚନା ପତ୍ର ୨୦୧୨

## ଜଳର ଗୁଣବତା ମତ୍ସ୍ୟ ସମ୍ପଦ ଓ ଜୈବ ବିବିଧତା ପ୍ରଭୃତି ଲକ୍ଷଣଗୁଡିକର ଆଧାରରେ ଚିଲିକା ହ୍ରଦ ପରିସଂସ୍ଥାର ସ୍ୱାସ୍ଥ୍ୟ ସାମଗ୍ରିକ ଭାବରେ B ଶ୍ରେଣୀୟ ଅଟେ

ଦ୍ରବୀଭୂତ ଅମ୍ଳଜାନ, ଜଳର ସ୍ୱଛତା, ମୋଟ ମତ୍ସ୍ୟ ଉତ୍ପାଦନ ଓ ଆକାର ଏବଂ ଅଣୁଜୀବ ବିବିଧତା ପ୍ରଭୃତି ଲକ୍ଷଣମାନଙ୍କୁ ଆଧାରରେ ହ୍ରଦଟି ସାମଗ୍ରିକ ଭାବରେ  ସର୍ବୋତ୍କୃଷ୍ଟ (ଇ) ଅଟେ । ତଥାପି ହ୍ରଦର ମୋଟ ସବୁଜକଣିକାର ଆବଶ୍ୟକୀୟ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇ (ର) ଶ୍ରେଣୀୟ ହୋଇଅଛି । ହ୍ରଦ ଜଳର ଗୁଣବତା, ମତ୍ସ୍ୟ ସମ୍ପଦ ଓ ଜୈବ ବିବିଧତା ଗୁଣମାନଙ୍କ ମଧ୍ୟରେ ଥିବା ୧୦ ଗୋଟି ସୂଚନା ଭିତ୍ତିରେ କେନ୍ଦ୍ରାଂଚଳ ଶତକଡା ୭୯% ହାସଲ କରି (ଇ+) ଶ୍ରେଣୀୟ, ଦକ୍ଷିଣାଂଚଳ ୭୬% ହାସଲ କରି (ଇ) ଶ୍ରେଣୀୟ, ବାହ୍ୟନାଳୀ ୭୧% ହାସଲ କରି (ଇ) ଶ୍ରେଣୀୟ ଏବଂ ଉତରାଂଚଳ ୬୯% (ଇ) ଶ୍ରେଣୀୟ ଅଂଚଳ ଭାବରେ ବିବେଚିତ ହୋଇଅଛି । ହ୍ରଦର ବିଭିନ୍ନ ଅଂଚଳର ସ୍ଥିତି ନିମ୍ନରେ ପ୍ରଦତ୍ତ କରାଯାଇଅଛି ।

**ଶ୍ରେଣୀ (ସୋପାନ)**

- A ୧୦୦-୮୦ %
- B ୮୦-୬୦ %
- C ୬୦-୪୦ %
- D ୪୦-୨୦ %
- F ୨୦-୦ %

ଉତରାଂଚଳ B




ଉତରାଂଚଳ ମତ୍ସ୍ୟ ଉପଯୋଗୀ, ଜଳ ଉନ୍ନତମାନର (ସବୁଜକଣା 'ବ' ବ୍ୟତିତ) ଏବଂ ଜୈବ ବିବିଧତା (ମୁଖ୍ୟତଃ ଡଲଫିନମାନଙ୍କ ଅନୁପସ୍ଥିତି) ପରିଲକ୍ଷିତ ହୋଇଅଛି ।

କେନ୍ଦ୍ରାଂଚଳ B+




କେନ୍ଦ୍ରାଂଚଳ ଅତ୍ୟଧିକ ମତ୍ସ୍ୟ ବାସପଯୋଗୀ, ଜଳ ଉନ୍ନତମାନର (ସବୁଜକଣା 'ବ' ବ୍ୟତିତ) ଏବଂ ଜୈବବିଭିନ୍ନତା ନିମନ୍ତେ ଅତ୍ୟଧିକ ଅନୁକୂଳ । ଏଠାରେ ଅଧିକ ପକ୍ଷୀ ସମାଗମ, ଡଲଫିନଙ୍କ ସମାଗମ ଏବଂ ଅଣୁଜୀବମାନଙ୍କର ଅବସ୍ଥିତିରୁ ଅନୁମେୟ ।

ଦକ୍ଷିଣାଂଚଳ B




ଦକ୍ଷିଣାଂଚଳ ଅତ୍ୟଧିକ ମତ୍ସ୍ୟବାସପଯୋଗୀ, ଜଳର ମାନ ଉନ୍ନତ (ସବୁଜକଣା 'ବ' ବ୍ୟତିତ) ଏବଂ ଜୈବ ବିଭିନ୍ନତା ନିମନ୍ତେ ଅତ୍ୟଧିକ ଅନୁକୂଳ ।  ଏଠାରେ ବହୁଳ ଭାବରେ ଡଲଫିନ୍ ଚଳପ୍ରଚଳ ଓ ଅତ୍ୟଧିକ ଅଣୁଜୀବ ବିବିଧତା ଅନୁମେୟ ।

ବାହ୍ୟନାଳୀ B




ବାହ୍ୟନାଳୀ ଅଂଚଳ ଅତ୍ୟଧିକ ମତ୍ସ୍ୟ ବାସପଯୋଗୀ, ଉନ୍ନତମାନର ଜଳ (ସବୁଜକଣା 'ବ' ବ୍ୟତିତ) ଏବଂ ଜୈବ ବିବିଧତା ନିମନ୍ତେ ଅତ୍ୟଧିକ ଅନୁକୂଳ । ଏଠାରେ ଅଧିକ ଡଲଫିନ ଦୃଷ୍ଟିଗୋଚର ହେବା ସହ ଅଧିକ ଭାସମାନ ସୂକ୍ଷ୍ମ ଶୈବାଳ ବିବିଧତା ପରିଲକ୍ଷିତ ହୋଇଅଛି ।



# ଚିଲିକା ହ୍ରଦ ପ୍ରାକୃତିକ ଏବଂ ସାଂସ୍କୃତିକ ସୌନ୍ଦର୍ଯ୍ୟରେ ଭରପୂର ଏବଂ ଏହା ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ମହତ୍ୱପୂର୍ଣ୍ଣ

ଚିଲିକା ହ୍ରଦ ବର୍ଷାଦିନରେ ବନ୍ୟାଜଳକୁ ରଖି ହ୍ରଦର ଲବଣାଂଶକୁ ନିୟନ୍ତିତ କରିଥାଏ, ଯଦ୍ଦାରା ହ୍ରଦର ଜୈବ ବିବିଧତାକୁ ସ୍ଥାୟୀତ୍ୱ କରିଥାଏ । ସ୍ଥାନୀୟ ବାସିନ୍ଦାମାନେ ହ୍ରଦରୁ ଖାଇବା ଓ ବିକ୍ରୟ ନିମନ୍ତେ ମାଛ, ଚିଙ୍ଗୁଡି ଓ କଙ୍କଡା ତଥା ପରିବହନ ଏବଂ ପର୍ଯ୍ୟଟନରୁ ଆୟ ନିମନ୍ତେ ହ୍ରଦ ଉପରେ ନିର୍ଭର କରିଥାଆନ୍ତି । ଏହିସବୁ କାରଣରୁ ଚିଲିକା ହ୍ରଦର ସୁରକ୍ଷା ନିତ୍ୟାନ୍ତ ଆବଶ୍ୟକ ।





# ଚିଲିକା ହ୍ରଦ ପରିସଂସ୍ଥା ଉପରେ ଚାପ

ଚିଲିକା ହ୍ରଦ ଉଭୟ ପ୍ରାକୃତିକ ଓ ମନୁଷ୍ୟକୃତ ଚାପର ସମ୍ମୁଖୀନ ହେଉଅଛି । ଏହି ସବୁ ସମସ୍ୟାଗୁଡିକ ହେଉଛି ଅତ୍ୟଧିକ ମାଛ ଧରାଯିବା, ପ୍ରଦୂଷଣ, ପର୍ଯ୍ୟଟନ ଏବଂ ପଟୁ ଜମିବା, ଯାହାକି ହ୍ରଦ ପରିସଂସ୍ଥା ଉପରେ ପ୍ରତିକୂଳ ପ୍ରଭାବ ପକାଉଛି । ପରିସଂସ୍ଥାର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପତ୍ର ମାଧ୍ୟମରେ ଏହି ସବୁ ଚାପକୁ ଚିହ୍ନଟ କରି ଏହାର ପ୍ରତିକାର ନିମନ୍ତେ ଉପଯୁକ୍ତ କାର୍ଯ୍ୟକ୍ରମ ଗ୍ରହଣ ଦ୍ୱାରା ହ୍ରଦକୁ  ବଂଚାଇ  ରଖାଯାଇପାରିବ ।



### ମାଛଧରା ଓ ମାଛ/ ଚିଙ୍ଗୁଡି ଚାଷ

ବର୍ତ୍ତମାନ ହ୍ରଦର ମତ୍ସ୍ୟ ବହୁଳତା ଓ ମହତ୍ତ୍ୱ, ଅତ୍ୟଧିକ ମତ୍ସ୍ୟ ଉତ୍ପାଦନ ହେତୁ, ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କ ନିମନ୍ତେ ପର୍ଯ୍ୟାପ୍ତ ହେଉନାହିଁ । ହ୍ରଦ ମଧ୍ୟକୁ ବର୍ଯ୍ୟବସ୍ତୁର ପ୍ରବେଶ ଯୋଗୁ ହ୍ରଦର ଜଳ ପ୍ରଦୂଷିତ ହେଉଛି । ହ୍ରଦ ମଧ୍ୟରେ ଥିବା ଚିଙ୍ଗୁଡି ଘେରି, ଖନ୍ଦା ଜାଲ, ପରିତ୍ୟକ୍ତ ଜାଲ ଓ ପଟୁମାଟି ମାତ୍ରା ଅତ୍ୟଧିକ ବଢୁଛି । ଏହା ଦ୍ୱାରା ଛୋଟ ଛୋଟ ମାଛ ଜାଆଁଳ ବଢ଼ିବା ପାଇଁ ଅନୁକୂଳ ହେଉନାହିଁ । ଫଳତଃ ମତ୍ସ୍ୟ ବଂଶ ବୃଦ୍ଧିରେ ଅନ୍ତରାୟ ସୃଷ୍ଟି ହେଉଛି ।




### ପ୍ରଦୂଷଣ

ହ୍ରଦ ନିକଟସ୍ଥ ଗୋଚର ଓ ବନଭୂମି ଏବେ ଜନବସତିରେ ପରିଣତ ହେଲାଣି । ନିକଟସ୍ଥ ଧାନ ଜମିରୁ କୃଷି ନିମନ୍ତେ ବ୍ୟବହୃତ ସାର, କୀଟନାଶକ ଔଷଧ ପ୍ରୟୋଗ ଦ୍ୱାରା ଉଦ୍‌ବୁଦ୍ଧ ଜଳ ଚିଲିକା ମଧ୍ୟକୁ ପ୍ରବେଶ କରି ହ୍ରଦର ଜଳକୁ ପ୍ରଦୂଷିତ କରୁଛି । ହ୍ରଦରେ ଥିବା ଶୈବାଳମାନଙ୍କ ଅତ୍ୟଧିକ ବୃଦ୍ଧି ଘଟି ତାହା ପଚିସଢ଼ି ଯିବା ଦ୍ୱାରା ହ୍ରଦ ଜଳ ପ୍ରଦୂଷିତ ହେଉଅଛି ।



### ପର୍ଯ୍ୟଟନ

ଚିଲିକା ପର୍ଯ୍ୟଟନ ସ୍ଥାନୀୟ ବାସିନ୍ଦାଙ୍କ ଭଲ ରୋଜଗାରର ଉତ୍ସ । ହ୍ରଦର ସୁପରିଚାଳନା କରାନଗଲେ, ଏହାର କୁପ୍ରଭାବ  ହ୍ରଦ ପରିବେଶ ଉପରେ ପଡିବ । କ୍ରମଶଃ ଏହା ବାୟୁ ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଓ ଜଳଚର ପ୍ରାଣୀମାନଙ୍କ ଉପରେ କୁପ୍ରଭାବ ପକାଇବ ।  ଏହା ପର୍ଯ୍ୟଟନ ପାଇଁ ଶୁଭଙ୍କର ନୁହେଁ ।




### ପଟୁ ସମସ୍ୟା

ବର୍ଷାଦିନରେ ହ୍ରଦ ମଧ୍ୟରେ ଅତ୍ୟଧିକ ପଟୁମାଟି ଜମା ହୋଇଥାଏ । ଏହି ପଟୁମାଟି ମହାନଦୀ ଓ ତାହାର ଶାଖା ନଦୀ ଏବଂ ହ୍ରଦ ସନ୍ନିକଟ ଜନବସତି ଓ କୃଷିକ୍ଷେତ୍ରରୁ ଆସିଥାଏ । ଏହି ପଟୁ ଜମିବା ଦ୍ୱାରା  ହ୍ରଦର କିଛି ଅଂଶ ଅଗଭୀର ହୋଇ ଯାଇଅଛି  ଏବଂ ସମୁଦ୍ରକୁ ସଂଯୋଗ କରୁଥିବା ମୁହାଁଣ ସଙ୍କୁଚିତ ହେଉଅଛି ।

## ପରବର୍ତ୍ତୀ ପଦକ୍ଷେପ !

ଏହି ସୂଚନା ପତ୍ରର ଗୋଟିଏ  ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୃତ (ଚାପ) ଚିଲିକା ହ୍ରଦର ପାରିପାର୍ଶ୍ୱିକ ଅବସ୍ଥା ଉପରେ କି ପ୍ରକାର କୁପ୍ରଭାବ ପକାଉଛି ଓ ଏହାର ପ୍ରତିକାର ପାଇଁ ଅମେ କେଉଁ କେଉଁ ପଦକ୍ଷେପ ନେବା ଉଚିତ୍, ତାହା ଚିଲିକା ଉନ୍ନୟନ କର୍ତୃପକ୍ଷଙ୍କ ଉକ୍ତ ସୂଚନା ପତ୍ର ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇବ ।

ଚିଲିକା ହ୍ରଦ ସ୍ୱାସ୍ଥ୍ୟ ସୂଚନା ପତ୍ର ପ୍ରତ୍ୟେକ ବର୍ଷ ଉପରୋକ୍ତ ପ୍ରଣାଳୀରେ ପର୍ଯ୍ୟବେସିତ ହୋଇ ପ୍ରସ୍ତୁତ କରାଯିବାର ଯୋଜନା ରହିଛି, ଯଦ୍ଵାରା ହ୍ରଦର ସ୍ୱାସ୍ଥ୍ୟ ସମନ୍ଧରେ ସମସ୍ତେ ସଚେତନ ହେବା ସହ ଏହାର ଉତ୍ତୋରତ୍ତର ଉନ୍ନତି ନିମନ୍ତେ ପ୍ରଚେଷ୍ଟିତ ହେବେ ।




### ସହଯୋଗିତା:

ଏହି ସ୍ୱାସ୍ଥ୍ୟ ସୂଚନା ପତ୍ର କୁ ପ୍ରସ୍ତୁତ କରିବାରେ ସହଯୋଗ:

The World Bank



### ଯୋଗାଯୋଗ:

**ଡ଼ଃ ଅଜିତ୍ କୁମାର ପଟ୍ଟନାୟକ**
ଚିଲିକା ଡେଭଲପ୍‌ମେଣ୍ଟ ଅଥରିଟି
C-11, ବି.ଜେ.ବି ନଗର, ଭୁବନେଶ୍ୱର-751 014
ajitpattnaik13@gmail.com



**Science Communication Team**

Simon Costanzo, Jane Hawkey, and Heath Kelsey
Integration & Application Network
University of Maryland Center for Environmental Science



ସଂସ୍କରଣ: ଅଗଷ୍ଟ ୨୦୧୩